Prepp
Your Personal Exams Guide

# UGC NET PAPER 2 NOVEMBER 05, 2017 SHIFT 1 ODIA QUESTION PAPER

**Note :** This paper contains **fifty (50)** objective type questions of **two (2)** marks each. **All** questions are **compulsory**.

**ନିର୍ଦ୍ଦେଶ :** ଏହି ପତ୍ରରେ **ପଚାଶ** (50) ଟି ବିବିଧ ପସନ୍ଦ ଭିତ୍ତିକ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ **ଦୁଇ** (2)। **ସମସ୍ତ** ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ।

**1.** ନିମ୍ନ କେଉଁଟି ପ୍ରପ୍‌ଙ୍କ ପ୍ରକାର୍ଯ୍ୟ ନୁହେଁ ?

(1) ନିଷେଧ (Interdiction) (2) ତଥ୍ୟ ପ୍ରକାଶ (Delivery)
(3) ଚୌର୍ଯ୍ୟବୃତ୍ତି (Theft) (4) ଖଳତ୍ୱ (Villainy)

**2.** ଓଡ଼ିଶାର ମୌଖିକ ପରମ୍ପରାର ଗୋପାଳଭାଣ୍ଡଙ୍କ ପାଇଁ କେଉଁ ଯୁଗ୍ମକଟି ଉପଯୁକ୍ତ ?

(1) ହାସ୍ୟରସିକ ଓ ପଣ୍ଡିତ (2) ପ୍ରତ୍ୟୁତ୍ପନ୍ନମତି ଓ ବିଦୂଷକ
(3) ବିଦୂଷକ ଓ ରାଜକର୍ମଚାରୀ (4) ଚତୁର ଓ ସନ୍ଥ

**3.** ଦଣ୍ଡନାଟ କେଉଁ ଦେବତାଙ୍କ ଉପାସନାଭିତ୍ତିରେ ପରିକଳ୍ପିତ ?

(1) ଯମ (2) ଶିବ (3) କୃଷ୍ଣ (4) ଜଗନ୍ନାଥ

**4.** 'ମର୍ଫୋଲଜି ଅଫ୍ ଦି ଫୋକ୍‌ଟେଲ'ରେ ପ୍ରଦତ୍ତ କ୍ରମ ଅନୁଯାୟୀ ଅନୁପସ୍ଥିତି (absence) କେଉଁ ସଂଖ୍ୟକ ପ୍ରକାର୍ଯ୍ୟ (function) ?

(1) ପ୍ରଥମ (2) ଦ୍ୱିତୀୟ (3) ପନ୍ଦର (4) ଏକତିରିଶ

**5.** ବିଶ୍ୱନାଥ ବାବା କେଉଁ ଧର୍ମର ତତ୍ତ୍ୱଗ୍ରନ୍ଥର ଲେଖକ ?

(1) ବୌଦ୍ଧଧର୍ମ (2) ମହିମାଧର୍ମ (3) ଶୈବଧର୍ମ (4) ଖ୍ରୀଷ୍ଟଧର୍ମ

**6.** ନିମ୍ନ କେଉଁ ମନ୍ଦିରଟି ପଞ୍ଚରଥ ମନ୍ଦିର-ଶୈଳୀରେ ନିର୍ମିତ ?

(1) ରାଜାରାଣୀ ମନ୍ଦିର (2) ଲିଙ୍ଗରାଜ ମନ୍ଦିର (3) ବିରଜା ମନ୍ଦିର (4) ଶ୍ରୀଜଗନ୍ନାଥ ମନ୍ଦିର

**7.** ଶ୍ରୀଜଗନ୍ନାଥଙ୍କ ସହିତ ବୁଦ୍ଧଙ୍କର ଏକୀକରଣ କେଉଁ ଗ୍ରନ୍ଥରେ ବର୍ଣ୍ଣିତ ?

(1) ଜ୍ଞାନସିଦ୍ଧି (2) ଅଷ୍ଟ ସହସ୍ରିକା (3) ପ୍ରଜ୍ଞା ପାରମିତା (4) ପ୍ରମାଣ ସମୁଚ୍ଚୟ

8. 'Historical Oriya Morphology' ପୁସ୍ତକର ରଚୟିତା କିଏ ?

(1) କୁଞ୍ଜବିହାରୀ ତ୍ରିପାଠୀ (2) ଗ୍ରୀୟରସନ୍ (3) ହରିପ୍ରିୟା ମିଶ୍ର (4) ସି.ଆର୍. ଉଇଲସନ୍

9. କେଉଁଟି ସଂଯୁକ୍ତ ସ୍ୱରଧ୍ୱନି ଅଟେ ?

(1) ଆ (2) ଔ (3) ଉ (4) ଋ

10. ଇଣ୍ଡୋ-ଇୟୁରୋପୀୟ ଭାଷା ପରିବାରକୁ କେଉଁ ଭାଷାବିତ୍ ଧ୍ୱନି ଆଧାରରେ 'ସତମ୍' ଓ 'କେନ୍ତୁମ୍' ରେ ବିଭକ୍ତ କରିଥିଲେ ?

(1) ବାନ୍ ବ୍ରଡଲେ (2) ଡକ୍ଟର ତଗାରେ

(3) ଡକ୍ଟର ଜେକୋବି (4) ସୁନୀତି କୁମାର ଚାଟାର୍ଜୀ

11. ପାଲି ଭାଷାର ଉତ୍ପତ୍ତିସ୍ଥଳ କଳିଙ୍ଗ ବୋଲି କିଏ କହିଥିଲେ ?

(1) ଗାଇଗର (2) ରିଚ୍ ଡେଭିସ୍ (3) ଓଲଡନ୍ ବର୍ଗ (4) ୱେଷ୍ଟର ଗାର୍ଡ

12. ଉପମା, ରୂପକ, ଉତପ୍ରେକ୍ଷା, ନିଦର୍ଶନା ଇତ୍ୟାଦି ଅର୍ଥାଳଙ୍କାରକୁ କେଉଁ ଶ୍ରେଣୀୟ ଅଳଙ୍କାର ଭାବେ ଚିହ୍ନିତ କରାଯାଏ ?

(1) ସାଦୃଶ୍ୟମୂଳକ (2) ବିରୋଧ ମୂଳକ (3) ଶୃଙ୍ଖଳା ମୂଳକ (4) ନ୍ୟାୟ ମୂଳକ

13. ଚିତ୍ରକାବ୍ୟକୁ କେଉଁ ଶ୍ରେଣୀୟ ଅଳଙ୍କାରରେ ଅନ୍ତର୍ଭୁକ୍ତ କରାଯାଏ ?

(1) ଅର୍ଥାଳଙ୍କାର (2) ଶୃଙ୍ଖଳାମୂଳକ ଅଳଙ୍କାର

(3) ବିଚିତ୍ର ଅଳଙ୍କାର (4) ଶବ୍ଦାଳଙ୍କାର

14. 'ବିନା' ଶବ୍ଦର ବ୍ୟବହାର ଥାଇ ବା ବ୍ୟବହାର ନଥାଇ ମଧ୍ୟ 'ବିନା' ଅର୍ଥ ପ୍ରତୀତ ହେଲେ କେଉଁ ଅଳଙ୍କାର ହୁଏ ?

(1) ସଙ୍କର (2) ଅତିଶୟୋକ୍ତି (3) ସହୋକ୍ତି (4) ବିନୋକ୍ତି

15. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶୃଙ୍ଗାର ରସର ଉଦ୍ଦୀପନ ବିଭାବ ?

(1) ଶାନ୍ତ ବାତାବରଣ (2) ସୁଗନ୍ଧି ମଳୟ (3) ଶବ (4) ବ୍ୟକ୍ତି

16. 'Eco Criticism' ର ମୂଳ ଧର୍ମ କ'ଣ ?

(1) ସାହିତ୍ୟ ଓ ଶିଳ୍ପ-ପ୍ରଦୂଷଣର ସମ୍ପର୍କ ନିରୂପଣ

(2) ସାହିତ୍ୟ ଓ ଭୌତିକ ବାତାବରଣର ଆନ୍ତଃ-ସମ୍ପର୍କ ନିରୂପଣ

(3) ସାହିତ୍ୟ ଓ ନିସର୍ଗ ପ୍ରକୃତିର ସମ୍ପର୍କ ନିରୂପଣ

(4) ସାହିତ୍ୟ ଓ ପ୍ରାଣୀ ଜଗତର ସମ୍ପର୍କ ନିରୂପଣ

Prepp
Your Personal Exams Guide

**17.** ନିମ୍ନ କେଉଁ ଅଧ୍ୟୟନ ପଦ୍ଧତି କୃତିର ବିଶ୍ଳେଷଣରେ ଲେଖକଙ୍କୁ ଗୁରୁତ୍ୱ ଦିଏ ନାହିଁ ?

(1) ପରିବେଶବାଦୀ ଅଧ୍ୟୟନ (2) ନାରୀବାଦୀ ଅଧ୍ୟୟନ

(3) ପ୍ରାୟୋଗିକ ଅଧ୍ୟୟନ (4) ଉତ୍ତର ଉପନିବେଶବାଦୀ ଅଧ୍ୟୟନ

**18.** କେଉଁ ରଚନାରେ ସୁସ୍ୱତକହାରିଣୀ ଚରିତ୍ରଟି ଉପଲଭ୍ୟ ?

(1) ରୁଦ୍ରସୁଧାନିଧି (2) ପ୍ରସ୍ତାବସିନ୍ଧୁ (3) ଟୀକା ଗୋବିନ୍ଦଚନ୍ଦ୍ର (4) କଳସା ଚଉତିଶା

**19.** ସାରଳା ଦାସଙ୍କ ଚଣ୍ଡୀପୁରାଣ କି ଧରଣର ରଚନା ?

(1) ଏକ ଅନୁବାଦ ରଚନା (2) ଏକ ମୌଳିକ ରଚନା (3) ଏକ ଅନୁସୃଜନ (4) ସ୍ତୁତି ସଙ୍କଳନ

**20.** ''କିବା କାଳୀହ୍ରଦ କାଳେ ଉତପାତ ଇନ୍ଦ୍ରଧନୁ ଉଦେ ଜଳରେ ।
କାଦମ୍ବିନୀ କୋଳେ କି ନବତମାଳେ କେକୀନାଚେ ମତ୍ତ ଭୋଳରେ ।
କାଳୀ ଉପରେ, ସେହି ରୂପରେ ବନମାଳୀ ।
କରନ୍ତେ ମର୍ଦ୍ଦନ କାଳିନ୍ଦୀ କର୍ଦ୍ଦନ କଲେ ଗୋପପୋଏ ମିଳି ।''

ଉଦ୍ଧୃତ ପଦଟି କେଉଁ କାବ୍ୟରୁ ଆନୀତ ?

(1) ବୈଦେହୀଶ ବିଳାସ (2) ରସକଲ୍ଲୋଳ (3) ରହସ୍ୟମଞ୍ଜରୀ (4) ମଥୁରାମଙ୍ଗଳ

**21.** 'ସମର ତରଙ୍ଗ' ରେ ବର୍ଣିତ ଢେଙ୍କାନାଳ ରାଜାଙ୍କ ନାମ କ'ଣ ?

(1) ହରିଚନ୍ଦନ ଜଗଦେବ (2) ଘନଭଞ୍ଜ

(3) ବିକ୍ରମଦେବ ବର୍ମା (4) ତ୍ରିଲୋଚନ ମହୀନ୍ଦ୍ର ବାହାଦୁର

**22.** ଶରୀର ମଧ୍ୟଲୋପକୁ ଶରୀର ମଧ୍ୟକୁ
ଯୋଖି ପ୍ରହାରିଲା ବିଚାରିଣ ତା ବଧକୁ ।

ଉପରୋକ୍ତ ପଦର 'ଶରୀର ମଧ୍ୟଲୋପକୁ' କାହାକୁ ବୁଝାଏ ?

(1) ଅଭିଶାପ (2) ନିଃଶ୍ୱାସ (3) ତୀର (4) କାଷ୍ଠଦଣ୍ଡ

**23.** ଏମନ୍ତେ ସେ ପିଶାଚୀ କୁମରକୁ ଧରି ତୋଳିଲା । କୁମର ଭୂମିରୁ ତିଳାର୍ଦ୍ଧେ ନଚଳିଲା । ପୁଣ ପୁଣ ଆକର୍ଷି ହୁଁକାର ନାଦେ ତୋଳନ୍ତେ ହେଁ ନ ଉଠିଲା । - ଏ ଦୃଶ୍ୟ କ'ଣ ଇଙ୍ଗିତ କରେ ?

(1) ସ୍ତନ୍ୟଦାନର ଚେଷ୍ଟା (2) ଅପହରଣର ଚେଷ୍ଟା (3) ନିଦ୍ରାଭଙ୍ଗର ଚେଷ୍ଟା (4) ହତ୍ୟାର ଚେଷ୍ଟା

**24.** ''ଭୂମି ଉପରେ ପଡ଼ି ନିଦ୍ରିତା ଶୂକରୀକୁ ବଣ ମଧ୍ୟରୁ କେନ୍ଦୁଆ ଯେପରି ଅନାଏଁ ସେହିପରି ଏକ ଧ୍ୟାନରେ ଚାହିଁଅଛି । ତାହାର ଆଖି ଦୁଇଟା ଜଳୁଅଛି ।'' - ଉଦ୍ଧୃତାଂଶଟି କେଉଁ ଉପନ୍ୟାସର ଅଂଶବିଶେଷ ?

(1) ଛମାଣ ଆଠଗୁଣ୍ଠ (2) ପଦ୍ମମାଳୀ (3) ଅମୃତର ସନ୍ତାନ (4) ବନ ଗହଳର ତଳେ

**25.** ଫକୀରମୋହନଙ୍କ 'ରେବତୀ' ଗଳ୍ପରେ ବର୍ଣିତ ରେବତୀର ବାପାଙ୍କ ନାମ କ'ଣ ?

(1) ଶ୍ୟାମବନ୍ଧୁ ମହାନ୍ତି (2) ଶ୍ୟାମବନ୍ଧୁ ପଟ୍ଟନାୟକ (3) ଶ୍ୟାମବନ୍ଧୁ ଦାସ (4) ଶ୍ୟାମବନ୍ଧୁ ଚୌଧୁରୀ

**26.** ନିମ୍ନଲିଖିତ କେଉଁ ଆଧୁନିକ କବିଙ୍କ ଚେତନାରେ 'ପଲ୍ଲୀଚେତନା'(pastoral) ଏକ ମୁଖ୍ୟ ଆଭିମୁଖ୍ୟ ?

(1) ଦିଲ୍ଲୀପ ଦାସ (2) ରାଧାମୋହନ ଗଡ଼ନାୟକ

(3) ଅନନ୍ତ ପଟ୍ଟନାୟକ (4) ସୀତାକାନ୍ତ ମହାପାତ୍ର

**27.** ''ଶୁଣ ହେ ମଣିଷଭାଇ.

ଝୁରି ମରିବାକୁ ବୁଡ଼ି ମରିବାକୁ

ମଣିଷ ଜନମିନାହିଁ !'' - ପଦଟି କାହାର ରଚନା ?

(1) ରେବା ରାୟ (2) ବିଦ୍ୟୁତ୍‌ପ୍ରଭା ଦେବୀ

(3) କୁନ୍ତଳାକୁମାରୀ ସାବତ (4) ବ୍ରହ୍ମୋତ୍ରୀ ମହାନ୍ତି

**28.** ଏପିକ୍ ଥିଏଟର ନାଟ୍ୟ ରୀତିର ପ୍ରବର୍ତ୍ତକ କିଏ ?

(1) ବରଟୋଲଟ୍ ବ୍ରେଖଟ୍ (2) ପ୍ରିଷ୍ଟଲି

(3) ସାମୁଏଲ୍ ବେକେଟ୍ (4) ରୋଗାର ଭିଟ୍ରାକ୍

**29.** ''କିଏ କହେ ତୁମେ ଭିକାରୀ ବୋଲି ରେ,

ଯାଯାବର ବୋଲି କହୁଛି କିଏ ?

ରାଜା, ସାଉକାର ତମେ ତ ଗଢ଼ିଛ;

ଘଡ଼ା ପୋତି ଆଜି ବସିଛି ଯିଏ ।''

ପଦଟି କେଉଁ ନାଟକରେ ରହିଛି ?

(1) ରକ୍ତମାଟି (2) ଭାତ (3) ଫଟାଭୂଇଁ (4) ବେକାର

**30.** କେଉଁଟି ରତି ମିଶ୍ରଙ୍କ ନାଟକ ନୁହେଁ ?

(1) ଅରୁଣ ରଙ୍ଗର ପକ୍ଷୀ (2) ମଧୁବାବୁଙ୍କ କାଳିଆ ଘୋଡ଼ା

(3) ଦକ୍ଷିଣ ଦରଜା (4) ପଦ୍ମିନୀ ପଦାବଳୀ

**31.** 'ମୋ କାହାଣୀ' କାହାର ଆତ୍ମଜୀବନୀ ?

(1) ଶଶୀଭୂଷଣ ରାୟ (2) ସାରଙ୍ଗଧର ଦାସ (3) ଶ୍ରୀରାମ ଚନ୍ଦ୍ର ଦାଶ (4) କୁଞ୍ଜବିହାରୀ ଦାଶ

Prepp
Your Personal Exams Guide

**32.** ଓଡ଼ିଶାର ଜନ ଜୀବନରେ ନିମ୍ନ ସଂସ୍କାରଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(a) ବ୍ରତକର୍ମ (b) ଷଠୀପୂଜା (c) ଶ୍ରାଦ୍ଧକର୍ମ (d) ପାଣିଗ୍ରହଣ

**ସୂତ୍ର (Code) :**

(1) (a) (b) (d) (c)
(2) (b) (a) (d) (c)
(3) (b) (d) (c) (a)
(4) (b) (a) (c) (d)

**33.** ଗୋପୀନାଥ ମହାନ୍ତିଙ୍କ ନିମ୍ନ ଆଦିବାସୀ ଭିତ୍ତିକ ଉପନ୍ୟାସଗୁଡ଼ିକର ପ୍ରକାଶ କାଳ ଦୃଷ୍ଟିରୁ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(a) ଶିବଭାଇ (b) ଅମୃତର ସନ୍ତାନ (c) ଅପହଞ୍ଚ (d) ଦାଦିବୁଢ଼ା

**ସୂତ୍ର (Code) :**

(1) (d) (b) (a) (c)
(2) (d) (a) (b) (c)
(3) (a) (b) (d) (c)
(4) (b) (a) (d) (c)

**34.** ନିମ୍ନଲିଖିତ ପତ୍ରିକାଗୁଡ଼ିକୁ କାଳକ୍ରମରେ ସଜାଇ ଲେଖିଲେ କେଉଁଟି ଠିକ୍ ?

(a) ମୁକୁର (b) ସତ୍ୟବାଦୀ (c) ଉତ୍କଳ ସାହିତ୍ୟ (d) ଉତ୍କଳ ପ୍ରଭା

**ସୂତ୍ର (Code) :**

(1) (d) (c) (b) (a)
(2) (d) (c) (a) (b)
(3) (d) (a) (c) (b)
(4) (a) (d) (c) (b)

**35.** ନିମ୍ନ ରଚନା ଗୁଡ଼ିକୁ ପ୍ରକାଶନ କାଳକ୍ରମରେ ସଜାଅ ।

(a) ରାଘବ ବିଳାସ (b) ବିଚିତ୍ର ରାମାୟଣ
(c) ଜଗମୋହନ ରାମାୟଣ (d) ବିଲଙ୍କା ରାମାୟଣ

**ସୂତ୍ର (Code) :**

(1) (b) (d) (a) (c)
(2) (d) (b) (c) (a)
(3) (d) (c) (b) (a)
(4) (d) (c) (a) (b)

36. ପ୍ରକାଶକାଳ କ୍ରମରେ ସଜାଇ ଲେଖ ।

(a) ଶବ୍ଦଲିପି (b) ଚୁମ୍ବନ (c) ପରକଲମ (d) ତଟ ନିରଞ୍ଜନା

**ସୂତ୍ର (Code) :**

| | | | | |
|---|---|---|---|---|
| (1) | (b) | (c) | (d) | (a) |
| (2) | (b) | (d) | (c) | (a) |
| (3) | (d) | (b) | (a) | (c) |
| (4) | (b) | (c) | (a) | (d) |

37. ନିମ୍ନ ଉଲ୍ଲିଖିତ ନାୟିକାମାନଙ୍କୁ ଉପନ୍ୟାସଗୁଡ଼ିକର ପ୍ରକାଶକାଳ କ୍ରମରେ ସଜାଅ ।

(a) ଇନ୍ଦୁପ୍ରଭା (b) ଧୋବୀ (c) ସତୀ (d) ଛଳନା

**ସୂତ୍ର (Code) :**

| | | | | |
|---|---|---|---|---|
| (1) | (a) | (c) | (d) | (b) |
| (2) | (a) | (c) | (b) | (d) |
| (3) | (a) | (d) | (b) | (c) |
| (4) | (d) | (a) | (c) | (b) |

38. ନିମ୍ନଲିଖିତ ସମ୍ପାଦକମାନଙ୍କୁ ସେମାନଙ୍କ ପତ୍ରିକାର ପ୍ରଥମ ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମରେ ସଜାଅ ।

(a) ବିଶ୍ୱନାଥ କର (b) ନୀଳକଣ୍ଠ ଦାସ (c) ନୀଳମଣି ବିଦ୍ୟାରତ୍ନ (d) ବ୍ରଜସୁନ୍ଦର ଦାସ

**ସୂତ୍ର (Code) :**

| | | | | |
|---|---|---|---|---|
| (1) | (c) | (a) | (d) | (b) |
| (2) | (c) | (a) | (b) | (d) |
| (3) | (a) | (b) | (d) | (c) |
| (4) | (c) | (d) | (a) | (b) |

39. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ବୀରକ୍ରମ ରାଜା | (i) | ରୁଦ୍ରସୁଧାନିଧି |
| (b) | ରିପୁଚନ୍ଦ୍ର ରାଜା | (ii) | ସମର ତରଙ୍ଗ |
| (c) | ଅନଙ୍ଗ ପଦ୍ମାକର ରାଜା | (iii) | ଗୋବିନ୍ଦଚନ୍ଦ୍ର |
| (d) | ମହୀନ୍ଦ୍ର ବାହାଦୁର ରାଜା | (iv) | ସୋମନାଥ ବ୍ରତକଥା |

**ସୂତ୍ର (Code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (iii) | (ii) | (i) |
| (2) | (iv) | (iii) | (i) | (ii) |
| (3) | (iv) | (i) | (ii) | (iii) |
| (4) | (iii) | (iv) | (ii) | (i) |

40. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭର** ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ଭ୍ରମରବର ପାଲା | (i) | ଧନଞ୍ଜୟ ଭଞ୍ଜ |
| (b) | କାଞ୍ଚିକାବେରୀ କାବ୍ୟ | (ii) | ଅର୍ଜୁନ ଦାସ |
| (c) | ରଘୁନାଥ ବିଳାସ | (iii) | କବି ବଲ୍ଲଭ |
| (d) | କଳ୍ପଲତା | (iv) | ପୁରୁଷୋତ୍ତମ ଦେବ |

**ସୂତ୍ର (Code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iv) | (i) | (iii) |
| (2) | (iii) | (i) | (ii) | (iv) |
| (3) | (iii) | (iv) | (i) | (ii) |
| (4) | (iii) | (iv) | (ii) | (i) |

41. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭର** ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ଅଷ୍ଟାଧ୍ୟାୟୀ ସୂତ୍ର | (i) | ମହର୍ଷି ଯାସ୍କ |
| (b) | ନିରୁକ୍ତ | (ii) | ପତଞ୍ଜଳି |
| (c) | ମହାଭାଷ୍ୟ | (iii) | ଭରତ |
| (d) | ନାଟ୍ୟଶାସ୍ତ୍ର | (iv) | ପାଣିନି |

**ସୂତ୍ର (Code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iii) | (i) | (iv) |
| (2) | (i) | (iv) | (ii) | (iii) |
| (3) | (iv) | (i) | (iii) | (ii) |
| (4) | (iv) | (i) | (ii) | (iii) |

Prepp
Your Personal Exams Guide

**42.** **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ମାର୍ଜାରମୁଖା | (i) | ନୀତି |
| (b) | କୁଞ୍ଜଗଳୀ ଶାରୀ | (ii) | ପ୍ରୀତି |
| (c) | ବିମ୍ବଓଷ୍ଠ | (iii) | ହାସ |
| (d) | କୃଶପାଦ ବକ | (iv) | ରାସ |

**ସୂତ୍ର (Code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (i) | (iv) | (ii) |
| (2) | (i) | (iii) | (ii) | (iv) |
| (3) | (iii) | (iv) | (ii) | (i) |
| (4) | (iii) | (iv) | (i) | (ii) |

**43.** **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ହସଂତ | (i) | ଭାନୁଜୀ ରାଓ |
| (b) | ନନ୍ଦାବତୀର ମାଛି | (ii) | ବିବେକ ଜେନା |
| (c) | ହଳଦୀପତ୍ରର ବାସ୍ନା | (iii) | ସଚ୍ଚି ରାଉତରାୟ |
| (d) | ପବନର ଘର | (iv) | ମନୋଜ ଦାସ |

**ସୂତ୍ର (Code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (iv) | (i) | (ii) |
| (2) | (iii) | (iv) | (ii) | (i) |
| (3) | (iii) | (ii) | (i) | (iv) |
| (4) | (ii) | (iii) | (iv) | (i) |

Prepp Your Personal Exam Guide

Prepp
Your Personal Exams Guide

**44.** **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ରାୟ ରାମାନନ୍ଦ | (i) | ଦୁର୍ଗାଚରଣ ରାୟ |
| (b) | ଧୂଳିମାଟିର ସନ୍ଥ | (ii) | ପଣ୍ଡିତ ମୃତ୍ୟଞ୍ଜୟ ରଥ |
| (c) | ରାଧାନାଥ ଜୀବନୀ | (iii) | ସରଳା ଦେବୀ |
| (d) | ସାରଳା ଚରିତ | (iv) | ଗୋପୀନାଥ ମହାନ୍ତି |

**ସୂତ୍ର (Code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (iv) | (i) | (ii) |
| (2) | (iii) | (iv) | (ii) | (i) |
| (3) | (iii) | (ii) | (i) | (iv) |
| (4) | (ii) | (iii) | (iv) | (i) |

**45.** **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ | (i) | ଧରାକୋଟ |
| (b) | ରାଧାମୋହନ ରାଜେନ୍ଦ୍ରଦେବ | (ii) | ସୁବର୍ଣ୍ଣପୁର |
| (c) | ବୀରମିତ୍ରୋଦୟ ସିଂହ | (iii) | ବାମଣ୍ଡା |
| (d) | କୃଷ୍ଣ ସିଂହ | (iv) | ଚିକିଟି |

**ସୂତ୍ର (Code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iii) | (iv) | (i) |
| (2) | (iii) | (ii) | (i) | (iv) |
| (3) | (iii) | (iv) | (ii) | (i) |
| (4) | (iii) | (iv) | (i) | (ii) |

Prepp Your Personal Exam Guide

**46.** **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ବ୍ରହ୍ମଙ୍କ ମଧୁସୂଦନ | (i) | ଚନ୍ଦ୍ରଶେଖର ରଥ |
| (b) | କ୍ରୀତଦାସର ସ୍ୱପ୍ନ | (ii) | କୃଷ୍ଣଚରଣ ବେହେରା |
| (c) | ଅଧ୍ୟାପକର ବେଦନା | (iii) | ଚିତ୍ତରଞ୍ଜନ ଦାସ |
| (d) | ଗାନ୍ଧି ଗୋପବନ୍ଧୁ | (iv) | ମୃତ୍ୟୁଞ୍ଜୟ ରଥ |

**ସୂତ୍ର (Code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (i) | (ii) | (iii) |
| (2) | (iv) | (i) | (iii) | (ii) |
| (3) | (i) | (iii) | (ii) | (iv) |
| (4) | (iii) | (ii) | (i) | (iv) |

47. **ସ୍ଥାପନା (Assertion) :** ନବ୍ୟ ଶିକ୍ଷିତ ମାନେ ନାନାରୁଚି, ନାନାଭାବର ସମ୍ପର୍କରେ ଆସି ସେଗୁଡ଼ିକ ନିଜ ନିଜର ସମାଜରେ ଚଳାଇବା ସକାଶେ ସର୍ବଦା ବ୍ୟାକୁଳ ।

**ଯୁକ୍ତି (Reason) :** ସମସ୍ତ ପ୍ରକାର ନବଉପାଦାନର ସାମାଜିକ ଜୀବନରେ ପ୍ରୟୋଗ ଫଳରେ ସମାଜର ଉନ୍ନତି ଘଟିଥାଏ ।

(1) **(A)** ଓ **(R)** ଉଭୟ ଠିକ୍

(2) **(A)** ଭୁଲ୍ ଓ **(R)** ଠିକ୍

(3) **(A)** ଓ **(R)** ଉଭୟ ଭୁଲ୍

(4) **(A)** ଠିକ୍ ଓ **(R)** ଭୁଲ୍

48. **ସ୍ଥାପନା (Assertion) :** ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ଫୁଟିକ ପ୍ରଶସ୍ତତର ଜାତୀୟତା କ୍ଷେତ୍ରରେ ଏବଂ ଉଦାର ସାର୍ବଜନୀନ ମାନବିକତାରେ ।

**ଯୁକ୍ତି (Reason) :** କେବଳ ମାନବିକତା ଓ ଜାତୀୟତାର ପ୍ରଦର୍ଶନରେହିଁ ଗୋଟିଏ ଜାତିର ସ୍ୱାତନ୍ତ୍ର୍ୟ ପ୍ରକାଶିତ ହୋଇଥାଏ ।

(1) **(A)** ଓ **(R)** ଉଭୟ ଠିକ୍

(2) **(A)** ଭୁଲ୍ ଓ **(R)** ଠିକ୍

(3) **(A)** ଠିକ୍ ଓ **(R)** ଭୁଲ୍

(4) **(A)** ଓ **(R)** ଉଭୟ ଭୁଲ୍

49. **ସ୍ଥାପନା (Assertion) :** ବିଶ୍ୱପ୍ରୀତୀହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଆର ମନୁଷ୍ୟତା ।

**ଯୁକ୍ତି (Reason) :** ସାର୍ବଭୌମତା ଓ ଉଦାରତା ଓଡ଼ିଆ ଜାତୀୟତାର ଦୁଇ ବିଶିଷ୍ଟ ଦିଗ ।

(1) **(A)** ଓ **(R)** ଉଭୟ ଠିକ୍

(2) **(A)** ଠିକ୍ ଓ **(R)** ଭୁଲ୍

(3) **(A)** ଭୁଲ୍ ଓ **(R)** ଠିକ୍

(4) **(A)** ଓ **(R)** ଉଭୟ ଭୁଲ୍

50. **ସ୍ଥାପନା (Assertion) :** ନିଜପାଇଁ ନିଜ ସରକାର ବାଛିବା ଏକ ବଡ଼ କ୍ଷମତା ।

**ଯୁକ୍ତି (Reason) :** ଏ କ୍ଷମତାହିଁ ରାଜତନ୍ତ୍ର ଓ ଗଣତନ୍ତ୍ର ମଧ୍ୟସ୍ଥ ପ୍ରଧାନ ଭେଦ ।

(1) **(A)** ଠିକ୍ ଓ **(R)** ଭୁଲ୍

(2) **(A)** ଓ **(R)** ଉଭୟ ଠିକ୍

(3) **(A)** ଭୁଲ୍ ଓ **(R)** ଠିକ୍

(4) **(A)** ଓ **(R)** ଉଭୟ ଭୁଲ୍

- o 0 o -